# Akashvani, Sambalpur

## SAMBALPURI NEWS MORNING BULLETIN

## 9 March 2026 - 6.47- 6.52 am.

---

ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଇ.ଆଣ୍ଡ୍.ପି.ଆର୍

ସପ୍ତଦଶ ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏଜ୍‌ଠାନୁ ମୁଲ୍ ହେବା । ବରୋଧୀ ମାନ୍‌କର୍ ହୋହଲ୍ଲା ଲାଗି ପହେଲା ଖେପ୍ ଠିକ୍ ଭାବେ ଚାଲି ନାଇଁପାରିଥିବାର୍ ବେଲେ ୨ ନମ୍ବର୍ ଖେପ୍ ସ୍ୱାଭାବିକ୍ ହେବା ବଲି ଆଶା କରାଯାଉଛେ । ବିଧାନ୍‌ସଭା କାର୍ଯ୍ୟସୂଚୀ ଅନ୍‌ସାରେ ଆଏଜ୍ ଗୃହ ନ ଭିନ୍ ଭିନ୍ ବିଭାଗ୍‌ର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପିତ୍ ହେବା । ସେନ୍ତା ୧୦ ନୁ ୩୦ ତାରିଖ୍ ତକ୍ ଭିନ୍ ଭିନ୍ ବିଭାଗ୍‌ର ଖର୍ଚ୍ଚା ଦାବି ଭିଲ୍ ଉପସ୍ଥାପିତ୍ ହେବା । ଅଧିବେଶନ୍‌ଥି କେତେଟା ବିଲ୍ ଆଗତ୍ ଆଉ ପାରିତ୍ ହେବାର୍ ସମ୍ଭାବନା ଅଛେ ।

ରାଜ୍ୟସଭା ନାମାଙ୍କନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

୧୦ ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଲାଗି ହେବାର୍‌କେ ଥିବା ନିର୍ବାଚନ୍ ଲାଗି ଆଏଜ୍ ନାମାଙ୍କନ୍‌ପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଆଏ । ଗଲା ୬ ତାରିଖ୍ ଭରାହେଇଥିବା ନାମାଙ୍କନ୍ ପତ୍ରୁ ୫ ଝନ୍ ପ୍ରାର୍ଥୀଙ୍କର୍ ପ୍ରାର୍ଥୀପତ୍ର କାଏମ୍ ରହିଛେ । ବିଜେପି ତର୍‌ଫୁ ମନ୍‌ମୋହନ୍ ସାମଲ୍, ସୁଜିତ୍ କୁମାର୍ ଆଉ ସ୍ୱାଧୀନ୍ ପ୍ରାର୍ଥୀ ଦିଲ୍ଲୀପ୍ ରାୟ ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ । ବିଜେଡ଼ି ତର୍‌ଫୁ ଡକ୍ଟର୍ ସନ୍ତୃପ୍ତ ମିଶ୍ର ଆଉ କଂଗ୍ରେସ୍ ଆଉ ବିଜେଡ଼ି ସମର୍ଥନ୍‌ରୁ ସାଧାରଣ୍ ପ୍ରାର୍ଥୀ ଭାବେ ଡାକ୍ତର୍ ଦତେଶ୍ୱର୍ ହୋତା ରାଜ୍ୟସଭା ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ ।

ଆଏବା ୧୬ ତାରିଖ୍ ଦିନ ଇ ଆସନ୍ ମାନ୍‌କର୍ ଲାଗି ନିର୍ବାଚନ୍ ହେବା । ସେଥିର୍ ଭିତ୍‌ରେ ଓଡ଼ିଶାର୍ ୪ ଟା ରାଜ୍ୟସଭା ଆସନ୍ ରହିଛେ ।

ଖରିଫ୍ ଧାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ୧୬ ଲାଖ୍ ୩୩ ହଜାର୍ ୩୬ ଝନ୍ ଚାଷୀକର୍‌ନୁ ଅଣସ୍ତୋର୍ ଲାଖ୍ ମେଟ୍ରିକ୍ ଟନ୍‌ନୁ ଅଏତ୍‌କା ଖରିଫ୍ ଧାନ୍ ଘିନିଛନ୍

ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇ ବାବ୍‌ଦେ ସର୍‌କାର୍ ପାଖାପାଖି ୧୫ ହଜାର୍ ୫ ଶହ ୯୨ କୋଟି ଟଙ୍କା ଆଉ ଅଏତ୍‌କା କରି ୪ ହଜାର୍ ୮ ଶହ ୧୧ କୋଟି ଟଙ୍କା ଚାଷୀମାନ୍‌କୁ ଦେଇଛନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ବର୍‌ଗଡ଼୍ ଜିଲ୍ଲା ନ ସବୁନୁ ଅଏତ୍‌କା ପାଖାପାଖି ୧ ଲାଖ୍ ୫୯ ହଜାର୍ ଚାଷୀଙ୍କର୍‌ନୁ ୭ ଲାଖ୍ ୬୬ ହଜାର୍ ଟନ୍‌ନୁ ଅଏତ୍‌କା ଖରିଫ୍ ଧାନ୍ ଘିନାଯାଇଛେ ।

ଓଡ଼ିଶା ଉତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିକଶିତ୍ ଓଡ଼ିଶା ଗଠନ୍‌ଥି ପ୍ରବାସୀ ଓଡ଼ିଆ ମାନ୍‌କର୍ ବହୁତ୍ ଯୋଗଦାନ୍ ରହେବା ବଲି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । କୋଲ୍‌କାତାଠାନେ ଆୟୋଜିତ୍ ଓଡ଼ିଶା ଉତ୍ସବ୍ ୨୦୨୬ ଥି ଯୋଗ୍ ଦେଇକରି ଶ୍ରୀ ସୂରଜ୍ କହିଛନ୍, ଦେଶ୍ ଆଉ ବିଦେଶ୍ ନ ରହୁଥିବା ଓଡ଼ିଆ ମାନ୍‌କର୍ ଉନ୍ନତି ଲାଗି ରାଜ୍ୟ ସର୍‌କାର୍ ସଂକଳ୍ପବଦ୍ଧ ଆନ୍ । ୨୦୩୬ ମସିହାଥି ରାଜ୍ୟ

ଗଠନ୍‌ର ଶତବାର୍ଷିକୀ ପାଳନ୍‌ତକ୍ ସମୃଦ୍ଧ ଓଡ଼ିଶାର୍ ପରିକଳ୍ପନା ସାକାର୍ ହେଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ଖସାପଡ଼ା ନୀତି ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଚଇତ୍ ମାସର୍ ଅନ୍ଧାର୍ ପଖର୍ ଷଷ୍ଠୀ ତିଥି ନ ମାହାପୁରୁମାନ୍‌କର୍ ଖସାପଡ଼ା ନୀତି ହେବା । ୨ ନମ୍ବର୍ ଭୋଗମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ବେଲ୍‌ବୁଡ଼ର୍ ୬ ନୁ ରାତିର୍ ୧୦ ବଜେତକ୍ ଇ ଗୁପ୍ତ ନୀତି କରାଯିବା । ଇଥିର୍‌ଲାଗି ପାଖାପାଖି ୪ ଘଂଟାତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜନଶୁଣାଣି ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ରାଜ୍ୟ ମହିଳା ଆୟୋଗ୍ ଆଉ ଜାତୀୟ ମହିଳା ଆୟୋଗଙ୍କର୍ ମିଲିତ୍ ସହଯୋଗ୍‌ଥି ଆଏବାକାଏଲ୍ ସମ୍ବଲ୍‌ପୁର୍ ଠାନେ ଗୁଟେ ଜନଶୁଣାଣି କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଜିଲ୍ଲା

ପରିଷଦ୍ ସମ୍ବଲ୍‌ପୁର୍ ସମ୍ମିଲନୀ କକ୍ଷ ନ ଆୟୋଜିତ୍ ହେବା । ଜନଶୁଣାଣି ଜରିଏ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଆଉ ବର୍‌ଗଡ୍ ଜିଲ୍ଲାର୍ ମହିଲାମାନ୍‌କର୍ ଭିନ୍ ଭିନ୍ ସମସ୍ୟା ଆଉ ଅଭିଯୋଗ୍‌ର ସମାଧାନ୍ କରାଯିବା । ଆଘୋନୁ ନୋଟିସ୍ କି ସମନ୍ ପାଇଥିବା ବ୍ୟକ୍ତିବିଶେଷ୍ ଧାରିଜ୍ ସମିଆଥି ଉପସ୍ଥିତ୍ ରହେବାର୍ ଲାଗି ଆୟୋଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶ୍ରୀଜଗନ୍ନାଥ୍ ଦର୍ଶନ  ଯୋଜ୍‌ନା       ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍‌ନାର୍ ୨ ନମ୍ବର୍ ଖେପେ ସମ୍ବଲ୍‌ପୁର୍ ଜିଲ୍ଲା ନୁ ଗଲାକାଏଲ୍ ୭୪ ଝନ୍ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରୀ ଶ୍ରୀକ୍ଷେତ୍ର ପୁରୀକେ ଯାତ୍ରା କରିଛନ୍ । ସମ୍ବଲ୍‌ପୁର୍ ଠାନେ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଗ୍ରାମ୍ୟ ଉନ୍ନୟନ୍, ପାନୀୟଜଳ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଯାତ୍ରାର୍ ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ଜିଲ୍ଲାପାଳ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ସହେତେ ଅଲ୍‌ଗା ପ୍ରଶାସନିକ୍ ଅଧିକାରୀମାନେ ଭିଲ୍ ଉପସ୍ଥିତ୍ ଥିଲେ ।

ତୀର୍ଥଯାତ୍ରୀଙ୍କର୍ ନିରାପଦ୍ ଯାତ୍ରାକେ ନଜର୍‌ଥି ରଖିକରି ୨ ଟା ବସ୍ ସାଙ୍ଗେ ସବୁ ପ୍ରକାରର୍ ଆନୁସଙ୍ଗିକ ସୁବିଧାର୍ ବ୍ୟବସ୍ତା କରାଯାଇଛେ ।

ରେଲ୍‌ବାଇ ପୁରୁଷ ଟି-ଟ୍ୱେଂଟି କ୍ରିକେଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଠାନେ ୬୯ ନମ୍ବର୍ ସର୍ବଭାରତୀୟ ରେଲ୍‌ବାଇ ପୁରୁଷ ଟି-ଟ୍ୱେଂଟି କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଘାଟିତ୍ ହେଇଛେ । ପୂର୍ବତଟ ରେଲ୍‌ପଥ୍ କ୍ରୀଡ଼ା ସଂଗଠନ୍‌ର ଦେଖ୍‌ରେଖ୍‌ଥି ହେଇଥିବା ପ୍ରତିଯୋଗିତା ଗଲାକାଏଲ୍‌ନୁ ଆଏବା ୧୬ ତାରିଖ୍‌ତକ୍ ସମ୍ବଲ୍‌ପୁର୍ ରେଲ୍‌ବାଇ ଆଉ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ଖେଲାଯିବା । ଗଲାକାଏଲ୍ ହେଇଥିବା ଉଦ୍‌ଘାଟନୀ ସମାରୋହ୍‌ଥି ସମ୍ବଲପୁର୍ ରେଲ୍ ପ୍ରବନ୍ଧକ୍ ସୁବାସ ଚନ୍ଦ୍ର ଚୌଧୁରୀ ଟୁର୍ଣ୍ଣାମେଂଟ୍‌କେ ଉଦ୍‌ଘାଟନ୍ କରିଥିଲେ ।

ଟି-୨୦ ବିଶ୍ୱକପ୍-ଫାଇନାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ଟି-ଟ୍ୱେଂଟି ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଭାରତ୍ ଚମ୍ପିଆନ୍ ହେଇଛେ । ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡ଼ିୟମ୍ ନ ଗଲାକାଏଲ୍ ହେଇଥିବା ଭାରତ୍ ଆଉ ନ୍ୟୁଜିଲ୍ୟାଣ୍ଡ୍ ଭିତ୍‌ରେ ହେଇଥିବା ଫାଇନାଲ୍ ମେଚ୍‌ଥି ଭାରତ୍ ୯୬ ରନ୍‌ଥି ଜିତିଛେ । ନ୍ୟୁଜିଲାଣ୍ଡ୍ ଦଲ୍ ଟସ୍ ଜିତିକରି ପହେଲା ବୋଲିଂର ନିଷ୍ପତି ନେଇଥିବାର୍ ବେଲେ ଭାରତ୍ ଦଲ୍ ଧାରିଜ୍ ୨୦ ଓଭର୍‌ଥି ୨ ଶହ ୫୫ ରନ୍ କରିଥିଲା । ଇତାର୍ ଜବାବ୍‌ଥି ନ୍ୟୁଜିଲାଣ୍ଡ୍ ଦଲ୍ ୧୯ ଓଭର୍‌ଥି ସବୁ ୱିକେଟ୍ ହରେଇକରି ଶହେ ୫୯ ରନ୍ କରିପାରିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପର୍ଶ୍ଚିମବଙ୍ଗ ଆଉ ତାକେ ଲାଗିକରି ଥିବା ଉତର୍ ଓଡ଼ିଶାର୍ ବାୟୁମଣ୍ଡଲ୍‌ଥି ସକ୍ରିୟ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ କେତେଟା ଜାଗା ନ ସମାଏନ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି

ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୮ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।